## ୨୦୧୧ ଜନଗଣନା.....

ଏହାର ଫଳାଫଳ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରି କର୍ମଶାଳାରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ଅଙ୍ଗନୱାଡିକର୍ମୀ, ଏନ୍.ଜି.ଓ ପ୍ରତିନିଧି, ପଞ୍ଚାୟତରାଜ ଜନପ୍ରତିନିଧି, ଭିନ୍ନକ୍ଷମ ଏବଂ ତାଙ୍କ ଅଭିଭାବକଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଇନ୍‌ଚାର୍ଜ ସେନ୍‌ସସ୍ ଅଫିସର ଶ୍ରୀ ମିଶ୍ର କର୍ମଶାଳାର ଆୟୋଜନକୁ ସ୍ୱାଗତ କରି ବିଶେଷକରି ଜନଗଣନାକାରୀମାନଙ୍କୁ ସେନସସ୍ ସମୟରେ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଧକୁ ଆଖି ଆଗରେ ରଖି ଭିନ୍ନକ୍ଷମମାନଙ୍କୁ ସଠିକ୍ ଭାବେ ଗଣନା କରିବା ପାଇଁ ଆହ୍ୱାନ କରିଥିଲେ । ବି.ଡି.ଓ. ଶ୍ରୀ ମଲ୍ଲିକ ଭିନ୍ନକ୍ଷମ ମାନଙ୍କୁ ସମ୍ମାନ ସହ ଗଣନା କରି ସମାଜରେ ମୁଖ୍ୟ ସ୍ରୋତରେ ଆଣି ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସୁବିଧା, ସୁଯୋଗ ତାଙ୍କୁ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଂପାଦକ ଶ୍ରୀ ଶର୍ମା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (W.H.O.) ଦ୍ୱାରା ଜନଗଣନା ସମ୍ବନ୍ଧିୟ ପ୍ରକାଶିତ ଭିନ୍ନକ୍ଷମ ମାନଙ୍କ ତୁଳନାତ୍ମକ ତଥ୍ୟ ଆମେରିକା, ଚୀନ, ଶ୍ରୀଲଙ୍କା ପାକିସ୍ଥାନ ଓ ଅଷ୍ଟ୍ରେଲିଆ ସହିତ ଭାରତର ତୁଳନା କରିଥିଲେ । ପ୍ରକାଶ ଥାଉକି ୨୦୦୧ ଜନଗଣନା ଅନୁଯାୟୀ ଓଡିଶାର ମୋଟ ଜନ ସଂଖ୍ୟାରୁ ୧୦,୨୧,୩୩୫ ଏବଂ ନୂଆପଡା ଜିଲ୍ଲାର ମୋଟ ଜନ ସଂଖ୍ୟାରୁ ୧୩,୬୯୬ ଭିନ୍ନକ୍ଷମ ଗଣନା ଭୁକ୍ତ ହୋଇଥିଲେ । ସରପଞ୍ଚ କାର୍ତ୍ତିକ ମଲ୍ଲିକ, ବି.ପି.ଏମ୍ ଆର୍ ସ୍କୁଲର ପ୍ରିନସିପାଲ ରାଜ ଶ୍ରୀ ସାମନ୍ତ, ସ୍ୱେଚ୍ଛାସେବୀ ସଂସ୍ଥା ଚଲେଚଲୋର ଘନଶ୍ୟାମ ଭିତ୍ରିଆ, ରାଜକୁମାର ମେହେର, ଲୋକ ଦୃଷ୍ଟିରୁ ରାଜକୁମାର ହଂସ ବିଭିନ୍ନ ଇଲେକ୍ଟ୍ରୋନିକ୍ ଓ ପ୍ରିଣ୍ଟ ମିଡିଆର ପ୍ରତିନିଧି, ଭାସ୍କର ଭିମସେନ ଗଡିତିଆ, ସ୍କୁଲ ନିରୀକ୍ଷକ ରୋହିତାଶ୍ୱ ବାଗ ଓ ଅନ୍ୟମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ । କର୍ମଶାଳା ପରିଚ୍ଚଳନାରେ ବଗଳା ପ୍ରସାଦ ଶର୍ମା, ଅଚ୍ୟୁତାନନ୍ଦ ସୁନାନୀ, ଅଜୟ ଠାକୁର, ଦିଲ୍ଲୀପ ଷଡଙ୍ଗୀ, ପ୍ରକାଶ ପ୍ରଧାନୀ ଓ ଚୁଡା ମଣି ସାହୁ ସହଯୋଗ କରିଥିଲେ । ଶେଷରେ ସିନାପାଲି ଛକ ଅକ୍ଷମ ସମିତି, ସଂପାଦକ ଦିଲ୍ଲୀପ ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜନାଭୋମି ଏକ୍ସପ୍ରେସ

୩ ତ୍ରି ୮ ଫେବ୍ରୁୟାରୀ ୨୦୧୧